# Akashvani, Sambalpur

## SAMBALPURI NEWS BULLETIN

### 30 June 2024- 6.47- 6.52 am.

*********************************************

ବିଶ୍ୱକପ୍ କ୍ରିକେଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଭାରତ୍ ଦ୍ୱେଁଟି ଦ୍ୱେଁଟି ବିଶ୍ୱକପ୍ କ୍ରିକେଟ୍ ଜିତିଛେ । ଇତାର୍‌ସଙ୍ଗେ ଭାରତ୍‌ର କ୍ରିକେଟ୍ ଇତିହାସ୍‌ଥି ଗୁଟେ ନୂଆଁ ସ୍ୱର୍ଣ୍ଣିମ ଅଧ୍ୟାୟ ଜୁଡ଼ି ହେଇଛେ । ଗଲାକାଏଲ୍ ବାର୍‌ବାଡୁସ୍ ନ ଖେଲାଯାଇଥିବା ଫାଇନାଲ୍ ମେଚ୍‌ଥି ଭାରତ - ଦକ୍ଷିଣ ଆଫ୍ରିକାକେ ୭ ରନ୍‌ଥି ହରେଇକରି ଇ ଗୌରବ୍ ଅର୍ଜନ୍ କରିଛେ । ଭାରତୀୟ ଦଲର୍ ଇ ଜିତ୍ ଲାଗି ସାରା ଦେଶେ ଖୁସିର୍ ଲହର୍ ଖେଲିଯାଇଥିବାର୍ ବେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଦଲର୍ ଖେଲାଲୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ଆକାଶ୍‌ବାଣୀଥି ତାଙ୍କର୍ ମାସ୍‌କିଆ ରେଡ଼ିଓ କାର୍ଯ୍ୟକ୍ରମ୍‌ର ଶହେ ୧୧ ନମ୍ବର୍ ସଂସ୍କରଣ୍ ହେଇଥିବାର୍ ବେଲେ ୩ ନମ୍ବର୍ ଥର୍ ପ୍ରଧାନ୍‌ମନ୍ତ୍ରୀ ହେଲା ଉତ୍‌ରୁ ପହେଲା କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

## ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଆଏବାକାଏଲ୍‌ନୁ କାମ୍ କର୍‌ବା । ସଖାଲର ୧୧ ବଜୁ ଭୁବ୍‌ନେଶ୍ୱରର୍ ୟୁନିଟ୍-୫ ନ ଥିବାର୍ ଅଭିଯୋଗ୍ ପ୍ରକୋଷ୍ଠ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋକ୍‌ମାନ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି

କର୍‌ବେ । ଅଭିଯୋଗ୍‌ ଶୁଣାଣି ଲାଗି ସେହିଦିନ ସଖାଲର୍‌ ୯ ବଜାନୁ ମଏଧାନର୍‌ ୧୨ ବଜାତକ୍‌ ପଞ୍ଜିକରଣ୍‌ ହେବା । ରାଜ୍ୟର୍‌ ଲୁକେ ନିଜର୍‌ ନାଁ ପଞ୍ଜିକରଣ୍‌ କରେଇକରି ନିଜେ ଉପସ୍ଥିତ୍‌ ରହିକରି ସେମାନ୍‌କର୍‌ ଅଭିଯୋଗ୍‌ ମୁଖ୍ୟମନ୍ତ୍ରୀଙ୍କୁ ଜନେଇପାର୍‌ବେ । ଇତାର୍‌ସଙ୍ଗେ ଫି ସୋମ୍‌ବାର୍‌ ଦିନ ଜିଲ୍ଲାସ୍ତର ନ ଭିଲ୍‌ ଜିଲ୍ଲାପାଲ୍‌ ମାନେ ଲୁକ୍‌କର୍‌ ଅଭିଯୋଗ୍‌ ଶୁଣାଣି କରିକରି ତାର୍‌ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କର୍‌ କାର୍ଯ୍ୟାଳୟକେ ପଠାବାର୍‌କେ ନିର୍ଦ୍ଦେଶ୍‌ ଦିଆଯାଇଛେ ।

ରଥଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ପ୍ରସିଦ୍ଧ ରଥଯାତ୍ରାର୍‌ ଲାଗି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ୩ ଶହ ୨୫ ଟା ସ୍ୱତନ୍ତ୍ର ଟ୍ରେନ୍‌ ଚଲାବାର୍‌ ପ୍ରସ୍ତୁତି ହେଇଛେ । ହେଥିର୍‌ଲାଗି ରେଲ୍‌ ସୂଚନା ଆଉ ପ୍ରସାରଣ୍‌, ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ ପୁରୀ ରେଲ୍‌ଷ୍ଟେସନ୍‌ ବୁଲି ଦେଖିବାର୍‌ ସଙ୍ଗେ ରଥଯାତ୍ରା ସମିଆଥି ଭକ୍ତମାନ୍‌କର୍‌ ସୁବିଧାର୍‌ ଲାଗି ରେଲ୍‌ବାଇ ତର୍‌ଫୁ କରାଯାଉଥିବାର୍‌ ବ୍ୟବସ୍ଥାର୍‌ ସମୀକ୍ଷା କରିଛନ୍‌ । ମନ୍ତ୍ରୀ ଶ୍ରୀ ବୈଷ୍ଣବ୍‌ କହିଛନ୍‌, ଇଥର ରଥଯାତ୍ରା ସମିଆଥି ପୁରୀକେ

ପାଖାପାଖି ୧୫ ଲାଖ୍ ଶ୍ରଦ୍ଧାଲୁ ଆଏବେ ବଲି ଆଶା କରାଯାଉଛେ । ହେଥିର୍‌ଲାଗି ପଡ଼ୋଶୀ ଆନ୍ଧ୍ରପ୍ରଦେଶ୍, ଛତିଶ୍‌ଗଡ଼୍ ଆର୍ ପର୍ଶ୍ଚିମବଙ୍ଗ୍ ସାଙ୍ଗେ ଓଡ଼ିଶାର୍ ଭିନ୍ ଭିନ୍ ଇଲାକା ନୁ ପୁରୀକେ ରେଲ୍ ଚଲାଯିବା ।

ଅମର୍‌ନାଥ୍ ଯାତ୍ରା ଏନ୍‌ଏସ୍‌ଡି

ଇ ବଛ୍‌ରର୍ ଅମର୍‌ନାଥ୍ ଯାତ୍ରା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଆକାଶ୍‌ବାଣୀର୍ ଶ୍ରୀନଗର୍ ସମ୍ବାଦଦାତାଙ୍କର୍ ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ଯାତ୍ରାର୍ ପହେଲା ଦିନ ସଞ୍ଜ୍‌ବେଲାର୍ ୫ ବଜାତକ୍ ୧୨ ହଜାର୍ ୨ ଶହ ୨୧ ଝନ୍ ଭକ୍ତ ଅମର୍‌ନାଥ ଗୁମ୍ଫା ନ ପବିତ୍ର ଶିବଲିଙ୍ଗଙ୍କର୍ ଦର୍ଶନ୍ କରିଛନ୍ । ଯାତ୍ରାଥି ସାମିଲ୍ ହେବାର୍‌କେ ଖୋବ୍ ସଂଖ୍ୟା ନ ଭକ୍ତ ଜମ୍ମୁ ନ କରାଯାଇଥିବା ବେସ୍ କେମ୍ପ୍ ନ ପୁହୁଁଚୁଛନ୍ । ଅମର୍‌ନାଥ୍ ଯାତ୍ରାର୍ ଲାଗି କଡ଼ା ସୁରକ୍ଷା ବନ୍ଦୋବସ୍ତ ସାଙ୍ଗେ ଭକ୍ତମାନ୍‌କୁ ସବୁପ୍ରକାରର୍ ସୁବିଧା ଯୁଗେଇ ଦେବାର୍ ଲାଗି ବ୍ୟବସ୍ଥା କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ଯାତ୍ରାଥି ଭକ୍ତମାନେ ଦକ୍ଷିଣ କାଶ୍ମୀର୍ ହିମାଲୟର୍ ୩ ହଜାର୍ ୮ ଶହ ୮୦ ମିଟର୍

ଉଚାଥି ଥିବାର୍ ଅମରନାଥ୍ ଗୁମ୍ଫା ନ ପବିତ୍ର ଲିଙ୍ଗ ଦର୍ଶନ୍ କର୍‌ସନ୍ ।

ଇ-ବିଧାନ୍ ପ୍ରକଳ୍ପ-ବିଧାନ୍‌ସଭା ପ୍ରେସ୍ ରିଲିଜ୍

ରାଜ୍ୟ ବିଧାନ୍‌ସଭାକେ ପୁରା କାଗଜ୍ ବିହିନ କର୍‌ବାର୍‌କେ ନେସ୍‌ନାଲ୍ ଇନ୍‌ଫର୍‌ମେଟିକ୍ ସେଂଟର୍ - ଏନ୍‌ଆଇସି ତର୍‌ଫୁ ବିଧାନ୍‌ସଭା ନ ନେଭା ନାଁ ଥି ଇ-ବିଧାନ୍ ପ୍ରକଳ୍ପ ମୁଲ୍ ହେଇଛେ । ଗଲାକାଏଲ୍ ବିଧାନ୍‌ସଭା ପରିସର ନ ବାଚସ୍ପତି ସୁରମା ପାଢ଼ୀ ଇ-ବିଧାନ୍ ପ୍ରକଳ୍ପର୍ ତାଲିମ୍ ଶିବିରକେ ଉଦ୍‌ଘାଟନ୍ କରିଥିଲେ । ସେ କହିଥିଲେ ଯେ, ବିଧାନ୍‌ସଭାର୍ ସବୁ କାମ୍‌କେ କାଗଜ୍‌ମୁକ୍ତ କର୍‌ବାର୍ ଲାଗି ଇତାର୍‌ଆଘର୍ ବିଧାନ୍‌ସଭାନୁ କାମ୍ ମୁଲ୍ ହେଇଥିବାର୍ ବେଲେ ଚଲ୍‌ତି ବିଧାନ୍‌ସଭାର୍ ଅମଲ୍‌ଥି ହେ କାମ୍ ସର୍‌ବା । ବିଧାନ୍‌ସଭାର୍ ସବୁ କାମ୍ ନେଭା ଜରିଆଥି ସହଜ୍ ଆର୍ ସରଲ୍ ହେଇପାର୍‌ବା ବଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ ।

ଆଇନ୍ ସଚେତନତା ଶିବିର -ସମ୍ବଲପୁର/ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଧନୁପାଲି ଶ୍ରୀଗଣେଶ୍ ହାଇସ୍କୁଲ୍ ନ ଗୁଟେ ଆଇନ୍ ସଚେତନତା ଶିବିର ହେଇଯାଇଛେ । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ସଚିବ ସୌମ୍ୟା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଶିବିରଥି ଛାତ୍ରଛାତ୍ରୀମାନ୍‌କୁ କିଶୋର ନ୍ୟାୟ ଆଇନ୍ ଆର୍ ପୋକ୍‌ସୋ ଆଇନ୍ ଉପ୍‌ରେ ସଚେତନ୍ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ସାଧନ କର୍ମୀ ତାଲିମ୍ ଶିବିର

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଶିକ୍ଷା ଆର୍ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ୍ ନ ସାମାଜିକ ଲିଙ୍ଗଭିତିକ ସମତା ଆର୍ ପାଠ୍ୟକ୍ରମ୍ ସଂଯୋଗୀକରଣ୍ ଉପ୍‌ରେ ଜିଲ୍ଲାସ୍ତରୀୟ ସାଧନ କର୍ମୀ ତାଲିମ୍ ଶିବିର ହେଇଯାଇଛେ । ଶିବିରଥି ଜିଲ୍ଲା ଶିକ୍ଷା ଆର୍ ଶିକ୍ଷକ୍ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍‌ର ଅଧ୍ୟକ୍ଷା ଡକ୍ଟର୍ ଗୀତାଞ୍ଜଳି ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଆର୍ ଉତରାଂଚଲ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶକ ବିକାଶ୍ ଚନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି

ଲିଙ୍ଗଭିତିକ ସମତାର୍ ବାର୍ତା ଯେନ୍ତା ସବୁ ସ୍କୁଲ୍ ନ ପୁହୁଁଚିପାର୍‌ବା ତାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ଜାତୀୟ ପରିସଂଖ୍ୟାନ୍ ଦିବସ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ନମୁନା ସର୍ବେକ୍ଷଣ୍ କାର୍ଯ୍ୟାଳୟ-ସମ୍ବଲପୁର କ୍ଷେତ୍ରୀୟ ଶାଖା ତର୍‌ଫୁ ସମ୍ବଲ୍‌ପୁର୍ ବିଶ୍ୱ ବିଦ୍ୟାଳୟ ନ ଜାତୀୟ ପରିସଂଖ୍ୟାନ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଗଲାକାଏଲ୍ ଜାତୀୟ ନମୁନା ସର୍ବେକ୍ଷଣ୍ କାର୍ଯ୍ୟାଳୟର୍ ଉପନିର୍ଦ୍ଦେଶକ ରାହୁଲ୍ ପଟେଲଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି କୁଲପତି ପ୍ରଫେସର୍ ବିଧୂଭୂଷଣ୍ ମିଶ୍ର ଆଉ ଆଇଆଇଏମ୍ ସମ୍ବଲ୍‌ପୁର୍‌ର ନିର୍ଦ୍ଦେଶକ୍ ମହାଦେଓ ଜୟସ୍‌ୱାଲ୍ ଅତିଥି ଭାବେ ଯୋଗ୍ ଦେଇକରି ନୀତି ନିର୍ଦ୍ଧାରଣ୍ ଆର୍ ଯୋଜ୍‌ନା ପ୍ରସ୍ତୁତିଥି ପରିସଂଖ୍ୟାନର ଗୁରୁତ୍ୱ ଉପ୍‌ରେ ବକ୍ତବ୍ୟ ରଖିଥିଲେ ।